### ‘ଏକବିଂଶ ଶତାବ୍ଦୀ ଓଡ଼ିଆ କ୍ଷୁଦ୍ରଗଳ୍ପର ଭାଷା ଓ ଶୈଳୀ’ ଆଲୋଚନାଚକ୍ର

# ଭଲ ଗଳ୍ପର ସମାଜକୁ ପରିବର୍ତ୍ତନ କରିବାର ସାମର୍ଥ୍ୟ ରହିଛି

କୋରାପୁଟ, ୧୩।୧୨(ସମିସ)




କେନ୍ଦ୍ର ସାହିତ୍ୟ ଅକାଦେମି ନୂଆଦିଲ୍ଲୀ ଏବଂ କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟ ଓଡ଼ିଆ ସ୍ନାତକୋତ୍ତର ବିଭାଗ ମିଳିତ ଆନୁକୂଲ୍ୟରେ ‘ଏକବିଂଶ ଶତାବ୍ଦୀ ଓଡ଼ିଆ କ୍ଷୁଦ୍ରଗଳ୍ପର ଭାଷା ଓ ଶୈଳୀ’ ଶୀର୍ଷକକୁ ନେଇ ଜାତୀୟ ସମ୍ମାନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି। ଏହି ଆଲୋଚନା ଚକ୍ରକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଏକବିଂଶ ଶତାବ୍ଦୀର ସାହିତ୍ୟରେ ନୂଆ ପୀଢ଼ି ପାଇଁ ଅନେକ ସମ୍ଭାବନା ରହିଛି ବୋଲି କହିଛନ୍ତି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ଦେବୀପ୍ରସାଦ ମିଶ୍ର। ଉଦଘାଟନ ଅଧିବେଶନରେ ସଭାପତିତ୍ୱ କରି ମହାବିଦ୍ୟାଳୟର ଅଧକ୍ଷ ଦୀପକ କୁମାର ପଟ୍ଟନାୟକ କହିଛନ୍ତି, ଭଲ ଗଳ୍ପର ସମାଜକୁ ପରିବର୍ତ୍ତନ କରିବାର ସାମର୍ଥ୍ୟ ରହିଛି ଏବଂ ଏକବିଂଶ ଶତାବ୍ଦୀରେ ସେହିଭଳି ଗଳ୍ପ ରଚନା ହେବାର ଆବଶ୍ୟକତା ଅଛି। ସମ୍ମାନ ସମ୍ପର୍କିତ ମୂଳ ଭାଷଣ ପ୍ରଦାନ କରିଥିଲେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଲୋପାମୁଦ୍ରା ସ୍ୱାଇଁ। ସାହିତ୍ୟ ଅକାଦେମି ନୂଆଦିଲ୍ଲୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ଼.ପ୍ରୀତିଧାରା ସାମଲ ସ୍ୱାଗତ ଭାଷଣ ଦେବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧିବେଶନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ। ପ୍ରଥମ ବୈଷୟିକ ଅଧିବେଶନରେ ପୌରୋହିତ୍ୟ କରିଥିଲେ ଓଡ଼ିଶାର ବିଶିଷ୍ଟ ଗାଳ୍ପିକ ରବି ସ୍ୱାଇଁ। ସେ ପରିବର୍ତ୍ତିତ ସମୟ ପରିପ୍ରେକ୍ଷୀରେ ଓଡ଼ିଆ ଗଳ୍ପ ଓ ତାର ଆଭିମୁଖ୍ୟ ସମ୍ପର୍କରେ ନିଜର ମତ ବ୍ୟକ୍ତ କରିଥିଲେ। ଏହି ଅଧିବେଶନରେ ବିଷୟ ବିଶେଷଜ୍ଞ ଭାବରେ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ ବିଶିଷ୍ଟ ଗାଳ୍ପିକ ନାରାୟଣ ପଣ୍ଡା ଓ ଡ.କମଳ ମାହୁନ୍ତ। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଜାହ୍ନବୀ ଦୋରା। ମଧ୍ୟାହ୍ନ ଭୋଜନ ପରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ସଭାମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ଗାଳ୍ପିକ ରବି ପଣ୍ଡା। ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପର ଭାଷା ଓ ଶୈଳୀ ଉପରେ ସେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଅଧିବେଶନରେ ବିଷୟ ବିଶେଷଜ୍ଞ ଭାବରେ ପ୍ରବନ୍ଧପାଠ କରିଥିଲେ ଡ.ଚିନ୍ମୟ କୁମାର ବେହେରା, ଡ଼.ବିଜୟ କୁମାର ନନ୍ଦ ଓ ପ୍ରଶାନ୍ତ ସାନ୍ତରା। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ପୂଜା ପ୍ରିୟଦର୍ଶିନୀ ଲେଙ୍କା। ସମ୍ପ୍ରତି ଚାଟ୍ ଜିପିଟି ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଯୁଗରେ କ୍ଷୁଦ୍ର ଗଳ୍ପର ସ୍ୱରୂପ ଓ ଶୈଳୀ ଏବଂ ତା’ ପ୍ରତି ଥିବା ଆହ୍ୱାନ ସମ୍ପର୍କରେ ଉଦବେଗ ପ୍ରକାଶ କରିଥିଲେ ଉପସ୍ଥିତ ସାହିତ୍ୟିକ ଓ ଛାତ୍ରଛାତ୍ରୀବୃନ୍ଦ। ଏହି କାର୍ଯ୍ୟକ୍ରମରେ କବି ରବି ଶତପଥୀ, ବିଜୟ କୁମାର ପ୍ରଧାନ, ମଧୁସୂଦନ ସ୍ୱାଇଁ, ଜଳଧର ସ୍ୱାଇଁ, ଅଧ୍ୟାପକ ଅକ୍ଷୟ କୁମାର ଭଦ୍ର, ଡ଼. ଦେବୀପ୍ରସାଦ ଭଦ୍ର, ଡ଼.ସୁଶୀଳ କୁମାର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଚନ୍ଦାହାଣ୍ଡିରେ ରାଷ୍ଟ୍ରୀୟ ଲୋକ ଅଦାଲତ




ଚନ୍ଦାହାଣ୍ଡି, ୧୩।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତଠାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ଜରିନ୍ ଖାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ୧୦ ଗୋଟି ଫୌଜଦାରୀ ମାମଲାର ଫୈସଲା ହୋଇଥିବା ବେଳେ ୧୫ ଗୋଟି ବ୍ୟାଙ୍କ ସମ୍ବନ୍ଧୀୟ ମାମଲାର ଫୈସଲା ହୋଇ ୨, ୫୦, ୦୦୦ ଟଙ୍କା ଆଦାୟ ହୋଇଥିଲା। ଏହି ଲୋକ ଅଦାଲତରେ ବରୋଦା ବ୍ୟାଙ୍କ ଶାଖା ପରିଚାଳକ ଯୋଗେଶ ବଗାର, ଏସ୍‌ବିଆଇ ଶାଖା ପରିଚାଳକ ସୁରଜ ହାଲଦାର, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ମହେନ୍ଦ୍ରନାଥ ସିଂ, ରୋଶନ ଲାକ୍ରା, ଆଇନଜୀବୀ ମହମ୍ମଦ ହୁସେନ, ଜୟଦେବ ଖେମାରୀ, ଖେମରାଜ ବାଘ, ହୁମେଶ୍ୱର ହଂସ, ଶ୍ୟାମ ସୁନ୍ଦର ସୁନାନୀ, କୋର୍ଟ କର୍ମଚାରୀ ଅଶୋକ କୁମାର ସେଠି, କେଶରୀ ମନହିରା, ଆଶିଷ ସାହୁ, ପ୍ରବୀଣ ଦାସ, ନିଲୁ ପ୍ରସାଦ ଶବର, ଭରତ ଦାସ, ବୃନ୍ଦାବନ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସଦ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ପାପଡ଼ାହାଣ୍ଡି, ୧୩।୧୨(ସମିସ): ପାପଡ଼ାହାଣ୍ଡି ବ୍ଲକସ୍ତରୀୟ ତ୍ରିଦିବସୀୟ ସାଂସଦ କ୍ରୀଡା ପ୍ରତିଯୋଗିତା ଆଜି ଉଦଘାଟିତ ହୋଇଛି। ଆଜି ଜଟାବାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏଥିପାଇଁ ପ୍ରଥମେ ଜଟାବାଲ ଶିବ ମନ୍ଦିର ଠାରୁ ପୂଜାର୍ଚ୍ଚନା କରାଯାଇ ମଶାଲ ପ୍ରଜ୍ଜଳନ କରାଯାଇ ବିରାଟ ପଟୁଆରରେ ଜଟାବାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସ୍ଥାପନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଉତ୍ସବର ଉଦଘାଟନ ଶୁଭାରମ୍ଭ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ କରିଥିଲେ। ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ପାପଡ଼ାହାଣ୍ଡି ବ୍ଲକ ଅଧକ୍ଷା ହେମଲତା ମାଝୀ, ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ଲିଙ୍ଗରାଜ ଭତରା, ସାଂସଦଙ୍କ ପ୍ରତିନିଧି ସୋମନାଥ ପୂଜାରୀ, ସାଂସଦକ୍ଷେତ୍ର କ୍ରୀଡ଼ା ସଂଯୋଜକ ରାମେଶ୍ୱର ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳଦେବ ସାହୁ, ସମିତି ସଭ୍ୟା ବଇଦୀ ଭତ୍ରା, ଜଟାବାଲ ସରପଞ୍ଚ ମାଳତୀ ଭତ୍ରା, ହରିମୋହନ ଶର୍ମା, ଦୀନବନ୍ଧୁ ବିଶୋଇ, ଦାମୋଦର ପ୍ରଧାନ, ପାପଡ଼ାହାଣ୍ଡି ବିଜେପି ମଣ୍ଡଳ ସଭାପତି ମନୋଜ ଅଗ୍ରୱାଲ, ଡଙ୍ଗରା ମଣ୍ଡଳ ସଭାପତି କ୍ରିଷ୍ଣା ରାଓ, ମୈଦଲପୁର ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶୋଇ, ହରି ପାଣିଗ୍ରାହୀ, ପ୍ରଶାନ୍ତ ପାଣିଗ୍ରାହୀ, ଜଳେନ୍ଦ୍ର ସିଂ, ଜିପିଓ ଅକ୍ଷୟ ପଟ୍ଟନାୟକ, ଜେଇ ପ୍ରଶାନ୍ତ କୁମାର ସାହୁ, ବ୍ଲକର ସମସ୍ତ ପିଇଓ ଉପସ୍ଥିତ ରହିଥିଲେ। ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଉପସ୍ଥିତ ରହି ଖେଳ ଗୁଡିକୁ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏଥିରେ ଭାଗ ନେଇ ନିଜ ନିଜର ଉଚ୍ଚ କୋଟିର କ୍ରୀଡା ପଦର୍ଶନ କରିବାକୁ ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଖେଳ ଆଜି ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଅନୁଷ୍ଠିତ ହେବ। ମେଡିକାଲ ଟିମ ଏବଂ ପୁଲିସ ବିଭାଗ ଉପସ୍ଥିତ ରହିଥିଲେ।




## ଉତ୍କଳ ସମ୍ମିଳନୀର ଅବିଭକ୍ତ କୋରାପୁଟ ଜିଲ୍ଲା କମିଟି ବୈଠକ

ଜୟପୁର, ୧୩।୧୨(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ଉତ୍କଳ ସମ୍ମିଳନୀ କର୍ମକର୍ତ୍ତାମାନଙ୍କୁ ନେଇ ଆଜି ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଜୟପୁର ବାଳକୃଷ୍ଣ ପ୍ୟାଲେସ୍ ଠାରେ କୋରାପୁଟ ଜିଲ୍ଲା ସଭାପତି ମଦନ ମୋହନ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ କେନ୍ଦ୍ରୀୟ ସମ୍ପାଦକ ବିରେନ୍ ମୋହନ ପଟ୍ଟନାୟକଙ୍କ ସହ ଭୃଗୁ ବକ୍ସିପାତ୍ର, ରାୟଗଡ଼ା ଜିଲ୍ଲା ସଭାପତି ବ୍ରଜ ସୁନ୍ଦର ନାୟକ, ପୂର୍ବତନ କେନ୍ଦ୍ରୀୟ ଉପସଭାପତି ବିନୋଦ ମହାପାତ୍ର ପ୍ରମୁଖ ଯୋଗ ଦେଇ ଅବିଭକ୍ତ ଜିଲ୍ଲାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବିଶେଷକରି ଏହି ଅବିଭକ୍ତ ୪ ଜିଲ୍ଲା ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁରର ପ୍ରଗତୀରେ ଉତ୍କଳ ସମ୍ମିଳନୀର ଭାଗୀଦାରୀ କ’ଣ ହେବା ଆବଶ୍ୟକ ବୋଲି ଆଲୋଚନା ଏବଂ ମତାମତ ଗ୍ରହଣ କରାଯାଇଥିଲା। ସରକାରୀ ସ୍ତରରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟରେ ଓଡ଼ିଆଙ୍କ ଅଂଶିଦାରି କେତେ ପରିମାଣରେ କମୁଥିବା କର୍ମକର୍ତ୍ତାମାନେ ମତ ଦେଇଥିଲେ। ଏପରିକି ପୋଲାଭରମ୍ ପ୍ରକଳ୍ପ, କୋଟିଆ ଅଞ୍ଚଳ, ବଂଶଧାରା ନଦୀ, ଖଣିଜ ସମ୍ପଦର ଉତ୍ତୋଳନ, ଶିକ୍ଷାର ପ୍ରସାର, ରେଳସେବାର ବ୍ୟାପକତା, ଖଣିଜ ଶିଳ୍ପର ବୃଦ୍ଧିରେ ଓ?ଆଙ୍କ ଭାଗିଦାରିତା କମୁଥିବା ମତ ଆସିଥିଲା। ସୀମାନ୍ତ ଅଞ୍ଚଳରେ ପଡୋଶୀ ରାଜ୍ୟମାନଙ୍କ ପ୍ରାଧାନ୍ୟ, ଆମ ଅଞ୍ଚଳ ଏବଂ ଅର୍ଥନୀତି ଉପରେ ପଡୋଶୀଙ୍କ ଜବରଦଖଲକୁ ସମ୍ମିଳନୀ କିଭଳି ପ୍ରତିହତ କରିବ ସେ ନେଇ ମତାମତ ସଂଗ୍ରହ କରାଯାଇଥିଲା। ଆଗାମୀ ଦିନରେ ଏହି ମତକୁ ଗ୍ରହଣ କରି ଉତ୍କଳ ସମ୍ମିଳନୀ କିପରି ଓଡ଼ିଆଙ୍କ ସ୍ୱାର୍ଥକୁ ନେଇ ସାଣିତ ଢ଼ଙ୍ଗରେ ପ୍ରଶାସନିକ ବିଧିବ୍ୟବସ୍ଥାରେ ମତ ରଖିବ ସେ ସମ୍ପର୍କରେ ସହମତି ପ୍ରକାଶ ପାଇଥିଲା। ଏହାକୁ ଆଧାର କରି ସମ୍ମିଳନୀ ପକ୍ଷରୁ କେନ୍ଦ୍ରୀୟ ନେତୃତ୍ୱ, ସମସ୍ତ ଜିଲ୍ଲାର ଶାଖା କର୍ମକର୍ତ୍ତା ଏବଂ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନଙ୍କୁ ନେଇ ଏକ ଦୁଇ ଦିନିଆ ସମ୍ମେଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜୟପୁରଠାରେ ଆସନ୍ତା ଫେବୃଆରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖ ଦୁଇ ଦିନ ଧରି ଚାଲିବ। ଉତ୍କଳ ସମ୍ମିଳନୀ ଓଡ଼ିଆଙ୍କ ସ୍ୱାର୍ଥ ପାଇଁ ଆଗକୁ ପ୍ରଖରତା ପୂର୍ବକ କାମ କରିବ ବୋଲି ବୈଠକରେ ଭୃଗୁ ବକ୍ସିପାତ୍ର ଘୋଷଣା କରିଥିଲେ। ଏହାକୁ ଉପସ୍ଥିତ ନେତୃତ୍ୱ ସ୍ୱାଗତ କରିଥିଲେ। ବୈଠକରେ ରାୟଗଡ଼ା ସମ୍ପାଦକ ଅରୁଣ ପାଣିଗ୍ରାହୀ, କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ କୋରାପୁଟ ଜିଲ୍ଲା ସଂଗଠନ ସମ୍ପାଦକ ପରମେଶ୍ୱର ପାତ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପରିଷଦ ସଦସ୍ୟ ହରିହର କରସୁଧା ପଟ୍ଟନାୟକ, ବାଲା ରାୟ, ଦୁର୍ଗା ପ୍ରସାଦ ମିଶ୍ର, ରମାକାନ୍ତ ରାଉଳ, ଦେବେନ୍ଦ୍ର ବାହିନୀପତି, ତେଜେଶ୍ୱର ପଣ୍ଡା, ଜିଲ୍ଲା ଉପସଭାପତି ରାଜେନ୍ଦ୍ର କୁମାର ଗୌଡ, ଜୟପୁର ନାଗରିକ କମିଟି ସଭାନେତ୍ରୀ ବିନୋଦିନୀ ସାନ୍ତାପାତ୍ର, ଜାନକୀ ପାଣିଗ୍ରାହୀ, ପ୍ରମୋଦୀନୀ ହୋତା, ଉମେଶ ଚନ୍ଦ୍ର ତ୍ରିପାଠୀ, ଚନ୍ଦ୍ରକାନ୍ତ ସୁତାର, ଜଗତ ରଞ୍ଜନ ପାଣିଗ୍ରାହୀ, ଅମର ଆହୁଜା, ଶ୍ରୀନିବାସ ପଣ୍ଡା, କୃଷ୍ଣଚନ୍ଦ୍ର ହୋତା, ଚନ୍ଦ୍ରମଣି ବାରିକ, ଶିବ କେଶବ ଦାସ, ପ୍ରଭାତ କୁମାର ରଥ, ପ୍ରହ୍ଲାଦ ପାତ୍ର, ସୁରେନ୍ଦ୍ର ପଟ୍ଟନାୟକ, ମିନ କେତନ ପରିଛା, ସତ୍ୟ ନାରାୟଣ ମିଶ୍ର, ମାଧବ ଚୋଧୁରୀ, ବିଷ୍ଣୁ ବର୍ଦ୍ଧନ ରେଡ୍ଡୀ, ଶୁଭେନ୍ଦୁ ବ୍ରହ୍ମା, ଶିଳ୍ପା ପାଣି, ଲକ୍ଷ୍ମୀ ନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ।



## ଦୁଇ ସାରସ୍ୱତ ସାଧକଙ୍କୁ ଶ୍ରଦ୍ଧାଞ୍ଜଳି

ଜୟପୁର, ୧୩।୧୨ (ସମିସ): ଜୟପୁର ସହର ଲାଲ ସାହି ଲୋକେଶ୍ୱରି ଚିତ୍ତ ବିନୋଦନ ଉଦ୍ୟାନଠାରେ ସ୍ଥାନୀୟ ଦୁଇ ସାରସ୍ୱତ ସାଧକ ସ୍ୱର୍ଗତ ମନମୋହନ ଆଚାର୍ଯ୍ୟ ଏବଂ ଅଶୋକ ପୋଲେଇଙ୍କ ସ୍ମୃତିରେ ଏକ ଶୋକସଭା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବହୁ କବି, ସାହିତ୍ୟିକ, ବୁଦ୍ଧିଜୀବୀ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଯୋଗଦାନ କରିବା ସହ ଦୁଇ ସାରସ୍ୱତ ପ୍ରତିଭାଙ୍କ ସ୍ମୃତି ଚାରଣ କରିଥିଲେ। ସୁଚନାଯୋଗ୍ୟ ଯେ, ମନମୋହନ ଆଚାର୍ଯ୍ୟ ଜଣେ ପ୍ରବୀଣ ସାହିତ୍ୟିକ ଓ ଭଞ୍ଜ ବିଶାରଦ ରୂପେ ସାରା ରାଜ୍ୟରେ ପରିଚିତ ଥିଲେ। ସ୍ଥାନୀୟ ବାରିଣୀପୁଟ ସ୍ଥିତ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରିବା ସହ ବହୁ ସାରସ୍ୱତ ସଂଗଠନ ସହ ଜଡ଼ିତ ଥିଲେ। ସେ ଗତ ୨୫ ନଭେମ୍ବରରେ ଭୁବନେଶ୍ୱର ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେଭଳି ଗତ ବୁଧବାର ଜୟପୁରର ସାମ୍ବାଦିକ, ଉଦଘୋଷକ, ସାହିତ୍ୟିକ ଅଶୋକ ପୋଲେଇଙ୍କ ସଡ଼କ ଦୁର୍ଘଟଣା ରେ ବିୟୋଗ ହୋଇଥିଲା। ସାରସ୍ୱତ ସାଧକ ଭାବେ ବିଶେଷ ଭାବରେ ନିଜର ପରିଚାୟ ସୃଷ୍ଟି କରିବା ସହିତ ସାମାଜିକ କାର୍ଯ୍ୟରେ ସେ ନିଜକୁ ସାମିଲ କରିଥିଲେ। ଜୟପୁର ସାହିତ୍ୟ ପରିଷଦ ଅଧକ୍ଷ ହରି ହର କରଶୁଧା ପଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଉଭୟ ପ୍ରତିଭାଙ୍କ ସ୍ମୃତି ଚାରଣ କରିଥିଲେ। ଏଥିରେ ଶ୍ରୀନାଥ ମିଶ୍ର, ନବକୃଷ୍ଣ ରଥ, ପରେଶ ରଥ, ଡ ପ୍ରମୋଦିନି ହୋତା, ମଦନ ମୋହନ ନାୟକ, ମାଧବ ଚୋଧୁରି, କୃଷ୍ଣ ଚନ୍ଦ୍ର ହୋତା, ଡ ଝାନ୍ସି ସିଂ, ଡ. ପ୍ରଦୀପ କୁମାର ମିଶ୍ର, ବିଜୟା ଲକ୍ଷ୍ମୀ ପାଣିଗ୍ରାହୀ, ଡ. ସୁଧାଂଶୁ ଶେଖର ପଟ୍ଟନାୟକ, ନାରାୟଣ ପାତ୍ର, ପ୍ରେମ ଚାନ୍ଦ ପଟନାୟକ, ଜାନକୀ ପାଣିଗ୍ରାହୀ, ମାଧୁରୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



## ସେଣ୍ଟ୍ସ୍କୁଲର ବାର୍ଷିକ ଉତ୍ସବରେ ଚମକିଲେ ଅସୀମା

କୋରାପୁଟ, ୧୩।୧୨(ସମିସ): ସ୍ଥାନୀୟ କୋରାପୁଟ ମୁନିସିପାଲଟି ଅଡିଟୋରିୟମ ହଲ ଠାରେ ଇଂରାଜୀ ମିଡିୟମ ସେଣ୍ଟ ସ୍କୁଲର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଲକେଜିରେ ପଢୁଥିବା କୁନି ଛାତ୍ରୀ ଅସୀମା ପଟ୍ଟନାୟକ ନାଚ, ଗୀତ ଓ କ୍ରୀଡ଼ାରେ ନିଜର ପାରଦର୍ଶିତା ଦେଖାଇବା ସହ ବିଦ୍ୟାଳୟ ତରଫରୁ ତାଙ୍କୁ ସ୍ୱତନ୍ତ୍ର ପୁରସ୍କାର ବାର୍ଷିକ ଉତ୍ସବରେ ପ୍ରଦାନ କରାଯାଇଛି। ଅସୀମାଙ୍କୁ ବିଦ୍ୟାଳୟର ଅଧକ୍ଷ ଶିକ୍ଷକ, ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇବା ସହ ଅସୀମାଙ୍କ ଅଜା, ଆଈ ମାମୁ ଓ ମା’ ଖୁସି ବ୍ୟକ୍ତ କରିଛନ୍ତି।



### ● ଜୟପୁର ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ପ୍ରଥମ ଦିବସରେ ମଡର୍ଣ୍ଣ ଇଂଲିଶ ସ୍କୁଲ ବିଜେତା



ଜୟପୁର, ୧୩।୧୨(ସମିସ): ଜୟପୁର ସହରର ପ୍ରକାଶ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ଗତକାଲି ସହରର ୫ଟି ଇଂରାଜୀ ମାଧ୍ୟମର ବିଦ୍ୟାଳଗୁଡିକକୁ ନେଇ ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣମେଣ୍ଟ ଶୁଭାରମ୍ଭ ହୋଇଛି। ପ୍ରଥମ ଦିବସରେ ମଡର୍ଣ୍ଣ ଇଂଲିଶ ସ୍କୁଲ ଏବଂ ବିଜ୍ଞାନ ଇଣ୍ଟର ନେସନାଲ ସ୍କୁଲ୍ ମଧ୍ୟରେ ଅବସ୍ଥିତ ହୋଇଥଲା। ମଡର୍ଣ୍ଣ ଇଂଲିଶ ସ୍କୁଲ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୩୫ ଓଭର୍‌ରେ ୨୭୨ ରନ୍ ସଂଗ୍ରହ କରିଥିଲା। ବିଜୟ ଲକ୍ଷ୍ୟ ନେଇ ବିଜ୍ଞାନ ଇଣ୍ଟର ନେସନାଲ ସ୍କୁଲ୍ ମାତ୍ର ୧୧୬ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲେ। ବିଜେତା ମଡର୍ଣ୍ଣ ସ୍କୁଲ୍‌ର ଛାତ୍ର ତଥା ଖେଳାଳି ରିତେଶ ପାଢ଼ୀ ୧୦୮ ରନ୍ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳକୁ ୧୫୬ ବିପୁଳ ରନ୍‌ରେ ପରାସ୍ତ କରିଥିଲେ। ଆଜି ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର କୁଳସଚିବ ମହେଶ୍ୱର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଆୟୋଜକ ପ୍ରକାଶ ବିଦ୍ୟାଳୟର ଅଧକ୍ଷା କ୍ରିଷ୍ଣା ନିସଙ୍କ ଉପସ୍ଥିତ ଥିଲେ। ଏହି ମ୍ୟାଚ୍ ଆୟୋଜନରେ ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ କର୍ମକର୍ତ୍ତା ଦିଲ୍ଲୀପ ରେଡ୍ଡୀ ଏବଂ ବିଦ୍ୟାଳୟର ଉପାଧକ୍ଷ ସୁକୁମାର ପାଇକେଟି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଲକ୍ଷ୍ମୀପୁର, ୧୩।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ସ୍ଥିତ ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟ ରେ ଜବାହାର୍ ନବୋଦୟ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷା ପାଇଁ ବ୍ଲକର ୨୮୮ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜିକରଣ କରିଥିବା ବେଳେ ୨୬୩ ଜଣ ଏହି ଚୟନ ପରୀକ୍ଷା ଦେଇଥିଲେ। ଆଉ ୨୫ ଜଣ ଛାତ୍ରଛାତ୍ରୀ କୌଣସି କାରଣରୁ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ ଭାବେ ଜବାହାର ନବୋଦୟ ବିଦ୍ୟାଳୟ ଦ୍ୱାରା ନିଯୁକ୍ତ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଡାଇମଣ୍ଡ ଶେଠ୍ ଓ ଅଧିକ୍ଷକ ଭାବେ ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ କାର୍ଯ୍ୟ ନିର୍ବାହ କରିଥିଲେ। ପରୀକ୍ଷା ନିରୀକ୍ଷକ ଭାବେ ଶିକ୍ଷକ ରାଜେଶ୍ୱରୀ ଲାବଲା, ଶଙ୍କର ଗୁଡୁମ୍ବକା, ଜ୍ୟୋତ୍ସ୍ନା ପଣ୍ଡା, ସୁନୀତା ସାହୁକାର, କସ୍ତୁରୀ ଶବର, ମାଧୁରୀ ଲେଙ୍କା, ପ୍ରିୟଙ୍କା ବିଷୋୟୀ, ସୁକାନ୍ତ ଯାଦବ, ଆଶୀର୍ବାଦ ନାୟକ, ଅଶେଷ କର୍ଜୀ, ରୋଜାଲିନ ସ୍ୱାଇଁ, ମମତା ମହାନ୍ତି ନିୟୋଜିତ ହୋଇଥିଲେ। ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ପରୀକ୍ଷା ପରିଚାଳନା ଦାୟିତ୍ୱ ତୁଲାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ସୁରଜ ନାୟକ, ସୋନାଲି ବହାଲ, ରାଜଲକ୍ଷ୍ମୀ ଦିଶାରୀ ଓ ସଂଯୁକ୍ତା ତୁରୁକ ସହଯୋଗ କରିଥିଲେ। ଉକ୍ତ ପରୀକ୍ଷାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ଟାକ୍ରି ଉପସ୍ଥିତ ଥିଲେ। ଏହା ପରୀକ୍ଷାରେ ଯେଉଁ ଛାତ୍ରଛାତ୍ରୀମାନେ ଉତ୍ତିର୍ଣ୍ଣ ହେବେ ସେମାନେ ଆସନ୍ତା ଶିକ୍ଷା ବର୍ଷରେ କୋରାପୁଟ ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପାଠ ପଢ଼ିବାର ସୁଯୋଗ ପାଇବେ।

# କାଳିଆମାଳି ପାହାଡରେ ‘ପରବ’ ମାଉଣ୍ଟେନ ଟ୍ରାକିଂ




ନାରାୟଣପାଟଣା, ୧୩।୧୨(ସମିସ)

ଲୋକ ମହୋତ୍ସବ ‘ପରବ ୨୦୨୫’ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଏବଂ କୋବ୍ରା ତରଫରୁ ପର୍ବତାରୋହଣ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆଜି ନାରାୟଣପାଟଣା ବ୍ଲକ ବିଜାଘାଟି ପଞ୍ଚାୟତ ଝଡିପଦର ନିକଟ କାଳିଆମାଳି ପାହାଡରେ ବେଶ ଆଡ଼ମ୍ବର ସହକାରେ ଆୟୋଜିତ ହୋଇଯାଇଛି। ସମୟ ନିର୍ଘଣ୍ଟ ପୂର୍ବରୁ ପହଞ୍ଚିଥିଲେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନ। ବିଜାଘାଟିରୁ ପତାକା ଦେଖେଇ ପର୍ବତାରୋହଣ ପ୍ରତିଯୋଗିତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଜିଲ୍ଲାପାଳ। ତିନି କିଲୋମିଟର ପାହାଡିଆ ରାସ୍ତାରେ ଚାଲି ଚାଲି ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଆଉ ପ୍ରତିଯୋଗିମାନଙ୍କୁ ଉତ୍ସାହିତ କରିବା ପାଇଁ ଖୋଦ୍ ଜିଲ୍ଲାପାଳ ମନୋଜ ସତ୍ୟଵାନ ମହଜନ। ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ମଞ୍ଚ ପ୍ରସ୍ତୁତ କରାଯାଇଥିଲା। ମଞ୍ଚରେ ନିମନ୍ତ୍ରିତ ଅତିଥି ସମେତ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ଉପାଧକ୍ଷ ରିନୁ ଦାସ, ସରପଞ୍ଚ ପିଲିବ ଶିରିକା ପ୍ରମୁଖ ମଚାସୀନ ହୋଇ ଥିଲେ। କାଳାଆମାଳି ପାହାଡକୁ ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ପର୍ବତାରୋହଣ ପ୍ରତିଯୋଗିତା କରାଇବା ପାଇଁ ଯେଉଁ ସହଯୋଗ ଲୋଡିଥିଲା ବ୍ଲକ ପ୍ରଶାସନ ଠାରୁ ଅତି ସୁନ୍ଦର ଭାବରେ ଆୟୋଜନ ହୋଇଥିବାରୁ ଧନ୍ୟବାଦ ଜଣାଇ ଥିଲେ ଜିଲ୍ଲାପାଳ। କାଳିଆ ମାଳି ପାହାଡ ଏବେ ପର୍ଯ୍ୟଟନ ସ୍ଥଳୀ ପାଇଁ ଜିଲ୍ଲା ପ୍ରଶାସନ ବହୁ ବିକାଶ ମୂଳକ କାର୍ଯ୍ୟ ପନ୍ଥା ହାତକୁ ନେଇଛି। ଏଠାକାର ଯୁବଗୋଷ୍ଠୀ, ସ୍ଥାନୀୟ ମହିଳା, ଅଞ୍ଚଳର ବିକାଶ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏଠାରେ ଆଲବମ୍, ଟଲିଉଡ୍ ଚଳଚିତ୍ର ସୁଟିଂ ପାଇଁ ନିର୍ମାତା ଙ୍କ ଚରାଭୂଇଁ ପାଲଟିଛି। ଆଗକୁ ବଡ଼ ବଡ଼ ବଜେଟ୍ ରେ ଫିଲ୍ମ ନିର୍ମାତା ଆସିବାର ସମ୍ଭାବନା ରହିଥିବା ଜିଲ୍ଲା ପାଳ କହିଥିଲେ। ବହୁତ ଶୀଘ୍ର କାଳିଆ ମାଳି ପାହାଡ କୋରାପୁଟ ଭୁଗଳରେ ପର୍ଯ୍ୟଟନ କ୍ଷେତ୍ରରେ ଯୋଡିହେବାକୁ ଯାଉଥିବା କହିଥିଲେ। ଖାସ୍ କରିଛି ସେମିଳିଗୁଡା, କୋରାପୁଟ, ସୁନାବେଡା ବିଜାଘାଟି ପଞ୍ଚାୟତ, ର ଯୁବଗୋଷ୍ଠୀ ଛାତ୍ରଛାତ୍ରୀ ଯେଉଁ ଭାବେ ଏତେ ଶୀତରେ ଆସି ପ୍ରତିଯୋଗିତା ରେ ଭାଗ ନେଇ ସଫଳ କରିଛନ୍ତି ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୃତି ପ୍ରତିଯୋଗୀଙ୍କୁ ମେଡାଲ୍ ସହ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଶେଷରେ କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



